# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 13th March – 2026

**************************************

## ମୁଖ୍ୟ ସମ୍ବାଦ

- ଦେଶର ଅନ୍ନଦାତାଙ୍କୁ କୃଷିକ୍ଷେତ୍ରରେ ଆତ୍ମନିର୍ଭର କରିବାପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ପ୍ରୋତ୍ସାହନ ପ୍ରଦାନ କରାଯାଉଛି; କହିଲେ ପ୍ରଧାନମନ୍ତ୍ରୀ ।

— ପି.ଏମ୍. କିଷାନ ସମ୍ମାନନିଧି ଯୋଜନାରେ ୧୮ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ସହାୟତା ରାଶି କଲେ ପ୍ରଦାନ ।

- ବିଧାନସଭା ବଜେଟ୍ ଅଧିବେଶନର ଅପରାହ୍ଣ ଅଧିବେଶନରେ ଶିଳ୍ପ ଏବଂ ଏମ୍.ଏସ୍.ଏମ୍.ଇ. ବିଭାଗର ଖର୍ଚ୍ଚଦାବି ଉପରେ ଜାରି ରହିଛି ଆଲୋଚନା ।

- ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହୋଇଛି ଓଡ଼ିଶା ପର୍ବ-୨୦୨୬ ।

ଏବଂ

- ରାଜ୍ୟରେ ନୀଳ ଅର୍ଥନୀତି କ୍ଷେତ୍ରରେ ନବସୃଜନ, ସହଭାଗିତା ଏବଂ ସ୍ଥାୟୀ ଅଭିବୃଦ୍ଧିକୁ ନେଇ ଭୁବନେଶ୍ୱରଠାରେ ବିଶ୍ୱ ସମ୍ମିଳନୀ ଉଦ୍‌ଘାଟିତ ।

*Desk*

# ପି.ଏମ୍. କିଷାନ ସମ୍ମାନ ନିଧି

ଦେଶର ଅନ୍ନଦାତାଙ୍କୁ କୃଷି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବାପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଆସାମର ଗୁଆହାଟୀଠାରେ ଆଜି ପିଏମ୍ କିଷାନ୍ ସମ୍ମାନ ନିଧି ଯୋଜନାର ୨୨ତମ କିସ୍ତିର ଅର୍ଥରାଶି ପ୍ରଦାନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ପର୍ଯ୍ୟାୟରେ ଦେଶର ୯ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ କୃଷକଙ୍କ ବ୍ୟାଙ୍କ ଖାତାକୁ ୧୮ ହଜାର ୬୪୦ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯାଇଛି ।

***Voice :................***

ଏହି ଅବସରରେ ଭୁବନେଶ୍ୱର ଓୟୁଏଟି ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ  କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଉପସ୍ଥିତିରେ ଆଭାସୀ ମାଧ୍ୟମରେ ଯୋଗ ଦେଇଛନ୍ତି । ରାଜ୍ୟର ୩୪ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୨୨ତମ କିସ୍ତି ବାବଦରେ ୬୮୪ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ କୁହାଯାଇଛି ।

୨୦୧୯ ମସିହା ଫେବୃୟାରୀ ମାସରୁ କେନ୍ଦ୍ର ସରକାର ପିଏମ୍ କିଷାନ ସମ୍ମାନ ନିଧି ଯୋଜନାରେ ବର୍ଷକୁ ୩ଟି କିସ୍ତିରେ କୃଷକମାନଙ୍କୁ ୬ ହଜାର ଟଙ୍କାର ଆର୍ଥିକ ସହାୟତା ଦେଉଛନ୍ତି ।

*Desk*

# ବିଧାନସଭା

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟର ପଞ୍ଚମ ଦିନର ଅପରାହ୍ଣ ଅଧିବେଶନରେ ଶିଳ୍ପ ଏବଂ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ-ଏମ୍ଏସ୍ଏମ୍ଇ ବିଭାଗର ଖର୍ଚ୍ଚଦାବି ଉପରେ ଆଲୋଚନା ଜାରି ରହିଛି। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଶିଳ୍ପ ବିଭାଗ ନିମନ୍ତେ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ୧ ହଜାର ୫୧୭ କୋଟି ୪୯ ଲକ୍ଷ ୯୨ ହଜାର ଟଙ୍କା ଓ ଏମ୍ଏସ୍ଏମ୍ଇ ବିଭାଗ ପାଇଁ ୭୬୨ କୋଟି ୭୮ ଲକ୍ଷ ୩୬ ହଜାର ଟଙ୍କାର ଖର୍ଚ୍ଚ ଦାବି ଆଗତ କରିଛନ୍ତି। ଆଲୋଚନାରେ ବି.ଜେ.ଡି. ସଦସ୍ୟ କଳିକେଶ ନାରାୟଣ ସିଂହଦେଓ ରାଜ୍ୟର ଶିଳ୍ପାୟନପାଇଁ ସରକାରଙ୍କ ଆଭିମୁଖ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ । ସଦସ୍ୟ ଅରୁଣ କୁମାର ସାହୁ, ଗଣେଶ୍ୱର ବେହେରା, ତୁଷାରକାନ୍ତି ବେହେରା, ପ୍ରତାପ ଦେବ ପ୍ରମୁଖ ଖର୍ଚ୍ଚଦାବିକୁ ବିରୋଧ କରିଥିବାବେଳେ ଶାସକ ଦଳର ସଦସ୍ୟ ଭାସ୍କର ମଢ଼େଇ, ଇରାଶିଷ ଆଚାର୍ଯ୍ୟ, ମାନସ ଦତ୍ତ, ଦୁଷ୍ମନ୍ତ ସ୍ୱାଇଁ ପ୍ରମୁଖ ସମର୍ଥନ କରିଥିଲେ ।

*IPR*

## ଏମ୍.ଏସ୍.ଏମ୍.ଇ. ବଜେଟ୍

ଓଡ଼ିଶା ବିଧାନସଭା ସମ୍ମିଳନୀ କକ୍ଷରେ ଆଉ କିଛି ସମୟ ପରେ ଶିଳ୍ପ ବିଭାଗ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଏକ ବୈଠକ ଅନୁଷ୍ଠିତ ହେବ । ଏଥିରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଏମ୍.ଏସ୍.ଏମ୍.ଇ. ମନ୍ତ୍ରୀ ଗୋକୁଳାନନ୍ଦ ମଲିକ୍ ୨୦୨୬-୨୭ ଆର୍ଥିକ ବର୍ଷପାଇଁ ବିଭାଗୀୟ ବଜେଟ୍ ସମ୍ପର୍କିତ ସୂଚନା ପ୍ରଦାନ କରିବେ ।

*Desk*

## ଓଡ଼ିଶା ପର୍ବ

ନୂଆଦିଲ୍ଲୀସ୍ଥିତ ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍‌ଠାରେ ଆଜିଠାରୁ 'ଓଡ଼ିଶା ପର୍ବ-୨୦୨୬' ଆରମ୍ଭ ହୋଇଛି । ଏହି ପର୍ବ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଓ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବିଶ୍ୱ ଦରବାରରେ ପ୍ରସ୍ତୁତ କରିବାର ଏକ ଅନନ୍ୟ ଅବସର ସୃଷ୍ଟି କରିଛି । ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶାର ପାରମ୍ପରିକ ସଙ୍ଗୀତ, ନୃତ୍ୟ ଏବଂ ଜୀବନ୍ତ ଐତିହ୍ୟର ପ୍ରଦର୍ଶିତ ହେଉଛି । କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ପ୍ରମୁଖ ଯୋଗ ଦେଇଛନ୍ତି । ସମ୍ବଲପୁରୀ ଗାୟକ ଉମାକାନ୍ତ

ବାରିକ ଏବଂ ବହୁ କଳାକାର ଏହି ଉତ୍ସବରେ ସାମିଲ୍ ହୋଇ ରାଜ୍ୟର କଳା, ସଂସ୍କୃତି ଏବଂ ଐତିହ୍ୟକୁ ଜାତୀୟ ସ୍ତରରେ ପ୍ରଦର୍ଶନ କରିବେ । ଏହି ମହାନ୍ ଉତ୍ସବରେ ସାମିଲ୍ ହେବାପାଇଁ ଶ୍ରୀ ପ୍ରଧାନ ଜନସାଧାରଣଙ୍କୁ ଆମନ୍ତ୍ରଣ କରିଛନ୍ତି ।

***Desk***

# ରାଜ୍ୟପାଳ - ଶିକ୍ଷାନୀତି

ବ୍ୟକ୍ତି, ସମାଜ ଓ ଜାତିର ଭବିଷ୍ୟତ ଗଢ଼ିବାରେ ଶିକ୍ଷା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି କହିଛନ୍ତି । ଭୁବେନଶ୍ୱର ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ଜାତୀୟ ଶିକ୍ଷାନୀତି-୨୦୨୦ ଅଧୀନରେ ଦେଶର ଶିକ୍ଷା ବ୍ୟବସ୍ଥାକୁ ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁରୂପ ଗଢ଼ିବାପାଇଁ ଏକ ଦୂରଦର୍ଶୀ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି । ଶିକ୍ଷା ସଂସ୍କାର କେବଳ ନୀତିରେ ସୀମିତ ନୁହେଁ, ଶିକ୍ଷକମାନେ ସଶକ୍ତ ହେଲେ ପ୍ରକୃତ ପରିବର୍ତ୍ତନ ସମ୍ଭବ ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଥିଲେ ।

*BBSR/R*

# ଏ.ଆଇ. ପ୍ରଶିକ୍ଷଣ ଶିବିର

ରାଜ୍ୟରେ ପ୍ରଶାସନିକ ପ୍ରକ୍ରିୟାକୁ ଅଧିକ ସହଜ ଓ ପ୍ରଭାବଶାଳୀ ଢଙ୍ଗରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ସରକାର ଚେଷ୍ଟା ଜାରି ରଖିଛନ୍ତି ବୋଲି ମହିଳା ଓ ଶିଶୁ ବିଭାଗର ନିର୍ଦ୍ଦେଶକ ମୋନିଷା ବାନାର୍ଜୀ କହିଛନ୍ତି । ଭୁବନେଶ୍ୱର ରାଜ୍ୟ ମହିଳା ଓ ଶିଶୁ ବିକାଶ ପ୍ରତିଷ୍ଠାନଠାରେ ଆୟୋଜିତ ଏ.ଆଇ. ପ୍ରଶିକ୍ଷଣ ଶିବିରରେ ଡାଟା ଆନାଲିଟିକ୍ ଏବଂ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଅଧିବେଶନରେ ବିଭିନ୍ନ ଏ.ଆଇ. ପ୍ଲାଟଫର୍ମ ବ୍ୟବହାରର ପ୍ରାୟୋଗିକ ଅଭିଜ୍ଞତା, ରିପୋର୍ଟ ପ୍ରସ୍ତୁତ, ତଥ୍ୟ ବିଶ୍ଳେଷଣ, ଅନୁସନ୍ଧାନ ଏବଂ ଉପସ୍ଥାପନକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ୧୦୦ ଜଣ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ ।

*Desk*

# ବ୍ଲୁ ଅର୍ଥନୀତି

ରାଜ୍ୟରେ ନୀଳ ଅର୍ଥନୀତି କ୍ଷେତ୍ରରେ ନବସୃଜନ, ସହଭାଗିତା ଏବଂ ସ୍ଥାୟୀ ଅଭିବୃଦ୍ଧିପାଇଁ ଭୁବନେଶ୍ୱର ଲୋକସେବା ସମ୍ମିଳନୀ କକ୍ଷରେ ଗ୍ଲୋବାଲ ସମ୍ମିଟ୍ ଅନ୍ ବ୍ଲୁ ଇକୋନୋମୀ-୨୦୨୬ ଉଦ୍‌ଘାଟିତ ହୋଇଯାଇଛି । ଏହି

ସମ୍ମିଳନୀ ବିକଶିତ ଓଡ଼ିଶା ୨୦୩୬ ଅଧୀନରେ ରାଜ୍ୟର ଦୂରଦୃଷ୍ଟିକୁ ଉପସ୍ଥାପନ କରୁଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ସାମୁଦ୍ରିକ ସମ୍ପଦର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ୨୦୪୭ ମସିହା ସୁଦ୍ଧା ଦେଶର ଜି.ଡି.ପି.ରେ ୫ ପ୍ରତିଶତ ଅବଦାନ ରଖିବାକୁ ରାଜ୍ୟ ଲକ୍ଷ୍ୟ ରଖିଛି । ଏଥିରେ ମତ୍ସ୍ୟସମ୍ପଦ, ସାମୁଦ୍ରିକ ଭିତ୍ତିଭୂମି, ଉପକୂଳ ପର୍ଯ୍ୟଟନ ଏବଂ ଓମ୍ରିକ୍ ମାଧ୍ୟମରେ ସାମୁଦ୍ରିକ ଜୈବ ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ । ଥିଙ୍କ୍ ଇଣ୍ଡିଆ; ଥିଙ୍କ୍ ଓଡ଼ିଶାର ଦର୍ଶନକୁ ଦର୍ଶାଇ ଓଡ଼ିଶାକୁ ନୀଳ ଅର୍ଥନୀତିର ବିକାଶ ଏବଂ ନବସୃଜନର କେନ୍ଦ୍ର ଭାବରେ ଶ୍ରୀମତୀ ଗର୍ଗ ଉପସ୍ଥାପିତ କରିଥିଲେ । କାର୍ଯ୍ୟକ୍ରମରେ ଶିଳ୍ପ ଜଗତର ପ୍ରତିନିଧି, ନୀତି ନିର୍ଦ୍ଧାରକ, ଗବେଷକ, ଷ୍ଟାର୍ଟଅପର ୫୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିଥିଲେ ।

***Desk***

## ଇଡ୍‌କୋ - ସମୀକ୍ଷା

ରାଜ୍ୟରେ ଶିଳ୍ପ ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ - ଇଡ୍‌କୋ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ଇଡ୍‌କୋ ଅଧ୍ୟକ୍ଷା ଉଷା ପାଢ଼ୀ କଟକ ଜିଲ୍ଲା ଆଠଗଡ଼ ଅନ୍ତର୍ଗତ କୁଶପାଙ୍ଗୀ ଏବଂ ବାଲି ଅଞ୍ଚଳ ଗସ୍ତକରି ପ୍ରସ୍ତାବିତ ଶିଳ୍ପ ପାର୍କର ଯୋଜନା ସମ୍ପର୍କରେ ସମୀକ୍ଷା କରିଛନ୍ତି । ଶିଳ୍ପପାଇଁ ଆବଶ୍ୟକ

ସରକାରୀ ଜମିର ସ୍ଥିତି, ବିଦ୍ୟୁତ ସଂଯୋଗ, ଜଳ ଯୋଗାଣ ଏବଂ ପରିବହନ ସୁବିଧା ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କ ସହ ଶ୍ରୀମତୀ ପାଢ଼ୀ ଆଲୋଚନା କରିଛନ୍ତି । ଏହି ପାର୍କ ନିର୍ମିତ ହେବା ପରେ ନୂତନ ପୁଞ୍ଜିନିବେଶକଙ୍କୁ ଆକୃଷ୍ଟ କରିବା ସହ ସ୍ଥାନୀୟ ଯୁବକ ଯୁବତୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଶ୍ରୀମତୀ ପାଢ଼ୀ ସୂଚନା ଦେଇଛନ୍ତି ।

*Nayagarh/R*

## ଗ୍ରାମସଭା

ନୟାଗଡ଼ ଜିଲ୍ଲା ବୃତ୍ତଙ୍ଗ ବୃହତ୍ ଜଳସେଚନ ପ୍ରକଳ୍ପଦ୍ୱାରା ବିସ୍ଥାପିତ ହେବାକୁ ଥିବା ଗ୍ରାମକୁ ନେଇ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ଗ୍ରାମସଭାରେ ଦଶପଲ୍ଲା ବ୍ଲକ୍ ଟାକରା ଗ୍ରାମ ପଞ୍ଚାୟତର ରାଣୀଝରି, ବାଇଝରି, ଗୋଛାବାରି ଓ କୁଲୁରୁକୁମ୍ପା ଗ୍ରାମ ପଞ୍ଚାୟତର ଗ୍ରାମବାସୀମାନେ ଉପସ୍ଥିତ ଥିଲେ । ଏଥିରେ ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ଥଇଥାନ ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା ହୋଇଥିଲା । ସରକାରୀ ନିୟମ ଅନୁଯାୟୀ ଗ୍ରାମରେ ବାସ କରୁଥିବା ସମସ୍ତ ପରିବାର ବାସସ୍ଥାନ, ଜମି, ଗଛ ଆଦିର ଅର୍ଥରାଶି ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି ।

*Puri/R*

## ରଥଯାତ୍ରା - ପ୍ରସ୍ତୁତି ବୈଠକ

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାପାଇଁ ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆଜି ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରଥଯାତ୍ରା ସହ ଜଡ଼ିତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ରଥଯାତ୍ରାପାଇଁ ସ୍ୱଳ୍ପମିଆଦୀ ଓ ଦୀର୍ଘମିଆଦୀ ଯୋଜନା ସମ୍ପର୍କରେ ନିଜ ନିଜର ମତବ୍ୟକ୍ତ କରିଥିଲେ । ଚଳିତ ରଥଯାତ୍ରାରେ ମାତ୍ରାଧିକ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର, ପାର୍କିଂ ଓ ସ୍ୱାସ୍ଥ୍ୟ ସୁବିଧା ସମ୍ପର୍କରେ ବୈଠକରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ ।

*Nayagarh, Rayagada/R*

## ଜନଗଣନା - ପ୍ରଶିକ୍ଷଣ

ନୟାଗଡ଼ ଜିଲ୍ଲା ବ୍ରଜେନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆସନ୍ତା ୨୦୨୭ ଜନଗଣନା ସଂକ୍ରାନ୍ତରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାର ୮ଟି ବ୍ଲକ୍, ବିଜ୍ଞପିତ ଅଞ୍ଚଳ ପରିଷଦ ଏବଂ ପୌର ପରିଷଦରୁ ୪୦ ଜଣ କ୍ଷେତ୍ର ପ୍ରଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ।

ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜନଗଣନା କାର୍ଯ୍ୟପାଇଁ ୩୪ ଜଣ କ୍ଷେତ୍ରୀୟ ତାଲିମଦାତାମାନଙ୍କର ତିନିଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଡିଜିଟାଲ୍ ଡାଟା ସଂଗ୍ରହ ପ୍ରଣାଳୀ, ଜନଗଣନାରେ ମୋବାଇଲ୍ ଆପ୍‌ର ବ୍ୟବହାର ଆଦି ସମ୍ପର୍କରେ ଅବଗତ କରାଯାଇଥିଲା ।

***Puri/R***

## ଆଶା ସମ୍ମିଳନୀ

ପୁରୀ ଜିଲ୍ଲାସ୍ତରୀୟ ଆଶା ସମ୍ମିଳନୀ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଟାଉନ୍ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଯୋଗଦେଇ ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତିର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ ।

***Nayagarh/R***

## ସଚେତନତା ଶିବିର

ନୟାଗଡ଼ ଜିଲ୍ଲା ପଠାଣି ସାମନ୍ତ ସଂସ୍କୃତି ଭବନଠାରେ ବୟସ୍କ ବ୍ୟକ୍ତିଙ୍କ ସମ୍ପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ

ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇ ବୟସ୍କ ବ୍ୟକ୍ତିଙ୍କ ସାମାଜିକ ମୂଲ୍ୟବୋଧ, ବିଭିନ୍ନ ସରକାରୀ ଯୋଜନା ଏବଂ ଶାରିରୀକ ସୁସ୍ଥତା ସମ୍ପର୍କରେ ଆଲୋଚନା କରିଥିଲେ । ଶିବିରରେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

*Nuapada/R*

## ଜିଲ୍ଲାପାଳ - ଗ୍ୟାସ୍ ଯୋଗାଣ

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଜିଲ୍ଲାରେ ବିଭିନ୍ନ ଗ୍ୟାସ୍ ଏଜେନ୍ସି ପରିଦର୍ଶନ କରି ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ରନ୍ଧନ ଗ୍ୟାସ୍ ଯୋଗାଣପାଇଁ ପରାମର୍ଶ ଦେଇଛନ୍ତି । ଜିଲ୍ଲାରେ ଏଲ୍.ପି.ଜି. ରନ୍ଧନ ଗ୍ୟାସ୍‌ର ଅଭାବୀ ସମସ୍ୟା ନ ଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

*Nuapada/R*

## ବ୍ୟାଙ୍କ୍ - କର୍ମଶାଳା

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳରେ 'ଆଧୁନିକ ବ୍ୟାଙ୍କର୍ ଦିଗ୍‌ଦର୍ଶନ ଓ ଡିଜିଟାଲ୍ ଆର୍ଥିକ ପଥପ୍ରଦର୍ଶକ' ଶୀର୍ଷକ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଇଂଲଣ୍ଡରେ କାର୍ଯ୍ୟରତ

ଲୋୟାଡ଼ ବ୍ୟାଙ୍କ୍‌ର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ବିଦେଶରେ ଭାରତୀୟ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ ।

*Nuapada/R*

## ସ୍ୱଚ୍ଛତା ଅଭିଯାନ

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବିଜ୍ଞପିତ ଅଞ୍ଚଳ ପରିଷଦ ପକ୍ଷରୁ ୱାର୍ଡ଼ରୁ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି । ଅଭିଯାନରେ ଖଡ଼ିଆଳ ଏନ୍.ଏ.ସି.ର ୱାର୍ଡ଼ ନମ୍ବର ୧, ମିଶନ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଏବଂ ୩୫୩ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ସଫେଇ କାର୍ଯ୍ୟ କରାଯାଇଥିଲା ।

*Nabarangpur/R*

## ମୁଖ୍ୟମନ୍ତ୍ରୀ ବାୟୁସେବା

ନବରଙ୍ଗପୁର ଜିଲ୍ଲା ସ୍ଥାନୀୟ ଚିକିତ୍ସାଳୟଠାରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବାର ଅନ୍ତିମ ଦିନରେ ଆଜି ଜିଲ୍ଲାର ଏକ ହଜାର ୮୨ ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି । ମୋଟ୍ ୭ ଜଣ ରୋଗୀଙ୍କ ଅସ୍ତ୍ରୋପଚାର କରାଯାଇଛି । କାର୍ଯ୍ୟକ୍ରମ ଅଧୀନରେ ମେଡିକାଲ୍ କଲେଜର ବିଶେଷଜ୍ଞ ଡାକ୍ତରଙ୍କଦ୍ୱାରା

ଉନ୍ନତ ନିଦାନ ଏବଂ ସୁପର ସ୍ପେଶିଆଲିଟି ସେବା ପ୍ରଦାନ କରାଯାଉଛି । ଜିଲ୍ଲାରେ ଆୟୋଜିତ ଏହି ଚାରିଦିନିଆ ଚିକିତ୍ସା ଶିବିରରେ ୯ ଶହରୁ ଉର୍ଦ୍ଧ୍ୱ ପ୍ରି-ସ୍କ୍ରିନିଂ ସହିତ ରୋଗୀଙ୍କୁ ନିଃଶୁଳ୍କ ଚିକିତ୍ସା ଓ ଔଷଧ ପ୍ରଦାନ କରାଯାଇଛି ।

***Malkangiri/R***

## କିଷାନ ସମ୍ମାନ ନିଧି

ମାଲକାନଗିରି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପ୍ରଧାନମନ୍ତ୍ରୀ କିଷାନ ଉତ୍ସବ ପାଳିତ ହୋଇଯାଇଛି । ଯୋଜନାରେ ଜିଲ୍ଲାର ୪୮ ହଜାର ୯୨୪ ଜଣ ଚାଷୀ ଉପକୃତ ହୋଇଛନ୍ତି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଏବଂ କୃଷି ବିଭାଗର ବହୁ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ ।

***Dhenkanal/R***

## କିଷାନ ସମ୍ମାନନିଧି

ଢେଙ୍କାନାଳ ଜିଲ୍ଲା ପୁରୁଣା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପି.ଏମ୍. କିଷାନ ସମ୍ମାନନିଧି ଯୋଜନାରେ ଜିଲ୍ଲାର ୧ ଲକ୍ଷ ୩ ହଜାର ୭୫୩ ଜଣ ଚାଷୀଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ

ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା ଯୋଗଦେଇ କହିଛନ୍ତି, ଚାଷୀମାନଙ୍କ ଉତ୍ତରୋତ୍ତର ଉନ୍ନତିରେ ଦେଶ ଅଗ୍ରଗତିର ଶିଖର ଛୁଇଁବ ।

*Sambalpur/R*

## ଗ୍ରୀଷ୍ମପ୍ରବାହ - ପ୍ରସ୍ତୁତି

ସମ୍ବଲପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଗ୍ରୀଷ୍ମପ୍ରବାହ ସୁପରିଚାଳନା ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗ୍ରୀଷ୍ମପ୍ରବାହର ସଠିକ୍ ମୁକାବିଲାପାଇଁ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ସ୍ୱାସ୍ଥ୍ୟ ବିଭାଗକୁ ଆବଶ୍ୟକ ପରିମାଣର ଓ.ଆର୍.ଏସ୍. ଏବଂ ଔଷଧ ମହଜୁଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

******